# ବିଶ୍ୱ ହୃତପିଣ୍ଡ ଦିବସ ପାଳିତ ।

ଚାଲିବାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ହୃତପିଣ୍ଡକୁ ସଂଚାଳନ କରାଇ ନିରାପଦରେ ରଖିବା ପାଇଁ ଆଜିର ଯୁଗରେ ଆହ୍ୱାନ କରାଯାଉଛି । ବର୍ତ୍ତମାନ ପରିସ୍ଥିତିରେ ଶିଳ୍ପ ଓ କଳକାରଖାନାରେ କାମ କରୁଥିବା ଲୋକମାନେ ବ୍ୟାପକ ଭାବେ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରିବା ସହ ପ୍ରଚଳିତ ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆଣୁନାହାନ୍ତି । ଯାହା ଫଳରେ ହୃଦୟଜନିତ ରୋଗ (ଭସକୁଲାର କାର୍ଡିଓଲୋଜି ଡିଜିଜ୍) ଅଧିକ ସଂଖ୍ୟାରେ ବ୍ୟାପୁଛି । ଏକ ଅନୁସଂଧାନରୁ ଜଣାପଡିଛି ବିଶ୍ୱରେ ପ୍ରତ୍ୟେକ ବର୍ଷ ୧୮.୬ ମିଲିୟନ ଲୋକ ହୃଦଘାତ ଜନିତ ରୋଗର ମୃତ୍ୟୁମୁଖରେ ପଡୁଛନ୍ତି । ହୃତପିଣ୍ଡକୁ ସୁସ୍ଥ ରଖିବାପାଇଁ ନିୟମିତ ବ୍ୟାୟାମ କରିବା, ଅଧିକ ପାଣି ପିଇବା, ସବୁଜ ପନିପରିବା ଖାଇବା ଓ ନିୟମିତ ସ୍ୱାସ୍ଥ୍ୟ ଯାଂଚ କରିବା ସହ ହୃତପିଣ୍ଡର ଗତି ଓ ସୁସ୍ଥତା ନିରିକ୍ଷଣ କରିବା ବିଶ୍ୱ ହୃତପିଣ୍ଡ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ହୃତପିଣ୍ଡ ଦିବସ ପାଳିତ ହୋଇଯାଇଛି । ଆୟୋଜିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହୃତପିଣ୍ଡର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ବିଶେଷକରି ସୁସ୍ଥ ଜୀବନ ଶୈଳୀ ଉପରେ ସେ ଆଲୋକପାତ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରା ଡା. ଧନଂଜୟ ବେହେରା ହୃଦ ରୋଗର କାରଣ ଉପରେ ଆଲୋଚନା କରିଥିଲେ । ଉଚ୍ଚ ରକ୍ତଚାପ, ମଧୁମେହ, ଧୁମ୍ରପାନ,ମଦ୍ୟପାନ, ମାତ୍ରାଧିକ କୋଲୋଷ୍ଟରାଲ ବୃଦ୍ଧି ପାଇବା ହୃଦରୋଗର ମୁଖ୍ୟ କାରଣ ବୋଲି ସେ ପ୍ରକାଶ କରିଥିଲେ । ଡା. ବିନୋଦ ସାହୁ (ଇପିଡେମିଓଲୋଜିଷ୍ଟ) ହୃତପିଣ୍ଡକୁ ସୁସ୍ଥ ରଖିବା ପାଇଁ ବିଭିନ୍ନ ଦିଗ ଓ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ମାନସିକ ଦୁଶ୍ଚିନ୍ତା, ଧୁମ୍ରପାନ ଓ ମଦ୍ୟପାନରୁ ନିବୃତ୍ତ ରହିବା, ନିୟମିତ ଯୋଗ,ବ୍ୟାୟମ ଓ ପ୍ରାଣାୟମ, ଶାରିରୀକ ପରିଶ୍ରମ,ନିୟମିତ ରକ୍ତଚାପ ଓ ମଧୁମେହ ଆଦି ରୋଗର ପରିକ୍ଷା ଉପରେ ସେ ଆଲୋଚନା କରିଥିଲେ । ଏହି ବୈଠକରେ ପାରାମେଡିକାଲ କର୍ମଚାରୀ, ନର୍ସିଂ ଛାତ୍ରୀ,ଆଶା କର୍ମୀ ଓ ବିଭିନ୍ନ ବିଭାଗୀୟ ଅଧିକାରାମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା . ୫୭୬ ତା. ୨୯.୦୯. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।

